# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ।

## ବାହାରିଲା ସଚେତନତା ରଥ ।

ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନ ସଂଖ୍ୟା ଦିବସ ଭାବେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି । ବିଶ୍ୱ ଜନ ସଂଖ୍ୟାରେ ସ୍ଥିରତା ଆଣିବା ଉଦ୍ଦେଶ୍ୟରେ ୧୧ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ଥିରତା ପକ୍ଷ ଭାବେ ପରିବାର ନିୟୋଜନ ସମ୍ପର୍କରେ ସଚେତନତା କରାଯାଉଛି । ବିଂଶ ଶତାବ୍ଦିର ମଧ୍ୟ ଭାଗରୁ ପୃଥିବୀରେ ଅଭୁତପୂର୍ବ ଭାବେ ଜନସଂଖ୍ୟା ବୃଦ୍ଧି ପାଇଥିଲା । ପୃଥିବୀର ଜନ ସଂଖ୍ୟା ୧୯୫୦ ଓ ୨୦୨୦ ମଧ୍ୟରେ




ଆକାରରେ ୩ ଗୁଣ ହୋଇଥିଲା । ୨୦୧୧ ମସିହାରେ ପୃଥିବୀ ୭ ବିଲିୟନ ଜନସଂଖ୍ୟାରେ ପହଂଚିଥିବାବେଳେ ଚଳିତ ବର୍ଷ ଏହା ୮ ବିଲିୟନରେ ପହଂଚିଛି । ଏହି ଜନ ସଂଖ୍ୟାରେ ସ୍ଥିରତା ଆଣିବା ପାଇଁ ଆଜି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଜନ ସଂଖ୍ୟା ଦିବସ ପାଳନ ଅବସରରେ ଏକ ସଚେତନତା ରଥ ବାହାରିଛି । ଏହି ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଶୁଭାରମ୍ଭ କରିବା ସହ ପରିବାର ନିୟୋଜନର ବିଭିନ୍ନ ପଦ୍ଧତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଆରମ୍ଭ କରି ଉପ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର , ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବଧ ହେବ । ଏହି ରଥ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପୂର୍ବକ ପରିବାର ନିୟୋଜନକୁ ଆପଣେଇବା ପାଇଁ ଲୋକମାନଂକୁ ବୁଝାଇବ । ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଦିଲିପ ପଟ୍ଟନାୟକଂକ ସମେତ ସମସ୍ତ ପାରାମେଡିକାଲ, ଆଶା ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।